**ଧାର ଟଙ୍କା ମାଗିବାରୁ ଯୁବକଙ୍କୁ ଆକ୍ରମଣ**

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ବୁର୍ଲା ଥାନାରେ ସୋମବାର ଶିଶିର କୁମାର ପାଣି ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ବୁର୍ଲାର ଜଣେ ଯୁବକ ତାଙ୍କ ପାଖରୁ ୯୫ ହଜାର ଟଙ୍କା ନେଇଥିଲେ। ଟଙ୍କା ମାଗିବାରୁ ସେ ତାଙ୍କୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ନିକଟକୁ ଡାକି ଲୁହାରଡ୍‌ରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ହାତରେ ଆଘାତ ଲାଗିଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ସଂକ୍ଷେପରେ

### ଦନ୍ତା ହାତୀ ମୃତ୍ୟୁ ଘଟଣାର ତଦନ୍ତ ଦାବି

**ନାକଟିଦେଉଳ,୨୪।୧(ଡ଼ି.ଏନ.ଏ.):** ରେଢାଖୋଲ ବନଖଣ୍ଡ ନାକଟିଦେଉଳ ବନାଞ୍ଚଳ ସାହେବୀ ଫରେଷ୍ଟ ବିଟ୍ ଅନ୍ତର୍ଗତ ଛାମୁଣ୍ଡିଆ ମୁଣ୍ଡାକଟଠାରେ ଘଟିଥିବା ଅସୁସ୍ଥ ଦନ୍ତା ହାତୀ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ଭାଜପା ନେତା ତଥା ରାଜ୍ୟ ପ୍ରବକ୍ତା ଗୋବିନ୍ଦ ଅଗ୍ରୱାଲା। ଏକ ପ୍ରେସ ବିବୃତିରେ ସେ ଅଭିଯୋଗ କରିଛନ୍ତି ଯେ, ଦନ୍ତା ହାତୀର ମୃତ୍ୟୁ ଖବର ପାଇ ସେ ଘଟଣାସ୍ଥଳକୁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଅସୁସ୍ଥ ହାତୀର ଚିକିତ୍ସା ପାଇଁ ବନ ବିଭାଗ ତତ୍ପରତା ଦେଖାଇ ନ ଥିଲା। ଏହାର ତଦନ୍ତ କରାଯାଇ ପ୍ରକୃତ କାରଣ ଲୋକଲୋଚନକୁ ନ ଆଣିଲେ ଅଞ୍ଚଳବାସୀଙ୍କ ସହ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି ।

### ଚୋରି ଗ୍ରୀଲ୍ କିଣି ବ୍ୟବସାୟୀ ଗିରଫ

**ରାଉରକେଲା ଅଫିସ,୨୪।୧:** ଚୋରି ଗ୍ରୀଲ୍ କିଣିବା ଅଭିଯୋଗରେ ଛେଣ୍ଡ ପୋଲିସ ଜଣେ କଣ୍ଟା ବ୍ୟବସାୟୀଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ବ୍ୟବସାୟୀ ଛେଣ୍ଡର ସୁଜିତ କରଣ(୪୬)। ଗତ ୫ଦିନ ତଳେ କଳିଙ୍ଗ ବିହାର ଘର ନଂ. ବି/୨୬୮ରୁ ଲୁହା ଗ୍ରୀଲ ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ଚୋରି ଗ୍ରୀଲ୍‌କୁ ସୁଜିତଙ୍କ କଣ୍ଟା ଦୋକାନରେ ବିକ୍ରି କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୧୪/୨୨) ରୁଜୁ କରି ଚୋରି ସାମଗ୍ରୀ କିଣିଥିବା ଅଭିଯୋଗରେ ସୁଜିତଙ୍କୁ ଗିରଫ କରିଥିଲା।

### କଳାକାର ମାଖନୁ ପଧାନଙ୍କ ଦେହାନ୍ତ

**ପଡିଆବାହାଲ, ୨୪।୧(ଡି.ଏନ.ଏ.):** ଯୁଯୁମୁରା ବ୍ଲକ କବରାପାଲି ଗ୍ରାମର ବର୍ଷିୟାନ କଳାକାର ମାଖନୁ ପଧାନଙ୍କ ସୋମବାର ଦେହାନ୍ତ ହୋଇଯାଇଛି। ଜଣେ ନାଟ୍ୟକାର, ଭାଗବତ ପ୍ରେମୀ, ପାଲା କଳାକାର ଭାବେ ସେ ଅଞ୍ଚଳରେ ଜଣାଶୁଣା ଥିଲେ। ମୃତ୍ୟୁ ଖବର ପାଇ ଆଖପାଖ ଗ୍ରାମର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ବଡ଼ ପୁଅ ମନୋଜ ପଧାନ ମୁଖାଗ୍ନି ଦେଇଥିଲେ।

### ବାଇକ୍‌ରୁ ଖସିପଡ଼ି ଯୁବକ ମୃତ

**ଲହୁଣୀପଡ଼ା,୨୪।୧(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ତାଲବାହାଲି ପଞ୍ଚାୟତ ବୁଢ଼ାଭୂଇଁ ଠାରେ ବାଇକ୍‌ରୁ ଖସିପଡି ଜଣେ ଯୁବକ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ବୁଢ଼ାଭୂଇଁ ଗ୍ରାମର ସ୍ୱର୍ଗତ କଲ୍ୟାଣ ମୁଣ୍ଡାଙ୍କ ପୁଅ ବିଲିୟନ (୨୨) ରବିବାର ଅପରାହ୍ନ ପ୍ରାୟ ସାଢେ ଚାରିଟା ବେଳେ ଓଡ଼ି ୧୪ଭି-୫୦୬୪ ବାଇକ୍ ଯୋଗେ ବଣାଇରୁ ନିଜ ଗ୍ରାମ ବୁଢ଼ାଭୂଇଁକୁ ଯାଉଥିଲେ। ବୁଢ଼ାଭୂଇଁ ଗ୍ରାମ ପୂର୍ବରୁ ଥିବା ଗୋଲେଇରେ ଭାରସାମ୍ୟ ହରାଇ ଖସି ପଡ଼ିଥିଲେ। ଫଳରେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାକୁ ଚିକିତ୍ସା ପାଇଁ ବଣାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ମହାନଦୀ ବାଲି ଉପରେ ମାଫିଆଙ୍କ ନଜର

**ସମ୍ବଲପୁର,୨୪।୧(ବ୍ୟୁରୋ)**

**ମାନେଶ୍ୱର, ଭେଡେନ ତହସିଲକୁ ଚକ୍‌ମା**

- ରାଜନେତାଙ୍କ ସମ୍ପୃକ୍ତି ଅଭିଯୋଗ
- ସରକାରଙ୍କ ରାଜସ୍ୱ ହାନି

ମହାନଦୀ ବାଲି ଉପରେ ମାଫିଆଙ୍କ ନଜର ପଡିଛି। ସନ୍ଧ୍ୟା ହେବା ମାତ୍ରେ ନଦୀ ପାର୍ଶ୍ୱରେ ଲାଗି ଯାଉଛି ଜେସିବି, ପୋକ୍‌ଲିନ ମେଶିନ ଓ ହାଇୱା। ପ୍ରାୟ ୫୦ରୁ ଅଧିକ ହାଇୱାରେ ବାଲି ଚୋରା ଚାଲାଣ ହେଉଛି। ବିଶେଷ କରି ରାତିରେ ବାଲି ମାଫିଆ ସକ୍ରିୟ ରହୁଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ମାନେଶ୍ୱର ତହସିଲ ଅଧୀନ ମହାନଦୀର କମଗାଁ ବାଲିଘାଟରେ। ଏଠାରୁ ହାଇୱାରେ ବାଲି ବୋଝେଇ ହେବା ପରେ ଅପରପାର୍ଶ୍ୱ ଦେଇ ଚୋରା ଚାଲାଣ ହେଉଛି। ଅପରପାର୍ଶ୍ୱ ଭେଡେନ ତହସିଲ ଅଧୀନରେ ରହୁଛି। ଉଭୟ ତହସିଲ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଅବାଧରେ ଏଭଳି ଚୋରା କାରବାର ହେଉଥିବା ଅଭିଯୋଗ ହେଉଛି। ଏହା ଦ୍ୱାରା ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି।

ପ୍ରତିବର୍ଷ ବର୍ଷା ଋତୁ ପରେ ପ୍ରାୟ ଅକ୍ଟୋବର ମାସରୁ ବାଲି ଚୋରା ଚାଲାଣ ଆରମ୍ଭ ହୋଇଥାଏ। ଚଳିତ ବର୍ଷ ମଧ ଆରମ୍ଭ ହୋଇଯାଇଛି। ସ୍ଥାନୀୟ ଓ ଜିଲାର ଅନ୍ୟ କେତେକ ଅଞ୍ଚଳର ମାଫିଆ ଏହି କାର୍ଯ୍ୟରେ ନିୟୋଜିତ ରହୁଛନ୍ତି। ଏଥିରେ କେତେଜଣ ରାଜନେତାଙ୍କ ସମ୍ପୃକ୍ତି ରହୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ କହିବା କଥା ଭେଡେନ ତହସିଲ ପକ୍ଷରୁ ନିୟମିତ ଯାଞ୍ଚ ସହ ଜରିମାନା ଆଦାୟ କରାଗଲେ ରାଜସ୍ୱ ବୃଦ୍ଧି ପାଆନ୍ତା। ମାଫିଆମାନେ ମଧ ଚୋରା ଚାଲାଣ କାର୍ଯ୍ୟରୁ ନିବୃତ୍ତ ରହନ୍ତେ। ମାନେଶ୍ୱର ଓ ଭେଡେନ ତହସିଲ ପକ୍ଷରୁ ମିଳିତ ଚଢାଉ କରାଯାଇ ଚୋରା ଚାଲାଣ ରୋକାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଭେଡେନ ତହସିଲଦାର ଅନୀଲ ହୋତା କହିଛନ୍ତି, ବାଲି ଚୋରା ଚାଲାଣ ରୋକିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି। କିଛିଦିନ ପୂର୍ବରୁ ୨ ଗୋଟି ହାଇୱା ଜବତ କରାଯାଇଥିଲା। ସେମାନଙ୍କ ପାଖରୁ ଜରିମାନା ମଧ୍ୟ ଆଦାୟ ହୋଇଥିଲା। ଅନ୍ୟପଟେ ସଦର ଉପଜିଲାପାଳ ମୟୁର ସୂର୍ଯ୍ୟବଂଶୀ ବିକାଶଙ୍କ ନିର୍ଦ୍ଦେଶ କ୍ରମେ ମାନେଶ୍ୱର ଅତିରିକ୍ତ ତହସିଲଦାର ଗୌରବ ପ୍ରଧାନ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ହେଲେ ଦିନ ସମୟରେ କୌଣସି ଗାଡି ନ ଥିବାବେଳେ ରାତିରେ ଚୋରା ଚାଲାଣ ହେଉଥିବ ବୋଲି ଅତିରିକ୍ତ ତହସିଲଦାର ପ୍ରଧାନ କହିଛନ୍ତି।



ମାନେଶ୍ୱର ତହସିଲ ଅନ୍ତର୍ଗତ ମହାନଦୀ ତଟ ବାଲିଘାଟ ।

### ସ୍ତ୍ରୀଙ୍କ ମୁଣ୍ଡ ଫଟାଇଲେ ଆଇନଜୀବୀ

**ଅଭିଯୋଗ ପରେ ଥାନାରେ ମାମଲା**

**ସମ୍ବଲପୁର,୨୪।୧(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ଥାନା ଭିମ୍‌ସାର ମେଡିକାଲ ପଛପଟେ ରହୁଥିବା ଆଇନଜୀବୀ ପଞ୍ଚାନନ ଦାସଙ୍କ ବିରୋଧରେ ସ୍ତ୍ରୀ ଚିନ୍ମୟୀ ମହାପାତ୍ର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ.୪୪/୨୨ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୋଗ କ୍ରମେ ପଞ୍ଚାନନ ବାରମ୍ବାର ଛୋଟ ଛୋଟ କଥାରେ ତାଙ୍କୁ ଗାଳିଗୁଲଜ କରୁଥିଲେ। ଏପରି କି ମାରପିଟ ମଧ କରୁଥିଲେ। ସୋମବାର ଅପରାହ୍ନରେ ସାମାନ୍ୟ କଥାରେ ଠେଙ୍ଗାରେ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ। ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ ବୋଲି ଚିନ୍ମୟୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଥାନା ଅଧିକାରୀ କମଳ ଲୋଚନ ପଣ୍ଡା କହିଛନ୍ତି, ଅଭିଯୋଗ ଉପରେ ମାମଲା ରୁଜୁ ହୋଇଛି। ଚିନ୍ମୟୀଙ୍କ ମୁଣ୍ଡ ଫାଟିଯିବାରୁ ମେଡିକାଲ ନିଆଯାଇଥିଲା। ତାଙ୍କ ମୁଣ୍ଡରେ ଷ୍ଟିଚ୍ ପଡିଥିବା କହିଥିଲେ ।

# ରାଜନୀତି ପ୍ରତି ଉଚ୍ଚ ଶିକ୍ଷିତଙ୍କ ଆଗ୍ରହ

**ସମ୍ବଲପୁର,୨୪।୧(ବ୍ୟୁରୋ)**

**ଡାକ୍ତର, ଏମ୍ଏସ୍‌ସି ଡିଗ୍ରୀଧାରୀ, ଏକ୍ସ ଆର୍ମି ଯୁବକ ପ୍ରାର୍ଥୀ**



ସୁଜାତା ଖୁଣ୍ଟିଆ



ଦେନାରାୟଣ ତିୱାରୀ



ସୀମାନ୍ତିକା ବରିହା

ସମ୍ବଲପୁର ଜିଲାରେ ପଞ୍ଚାୟତ ନିର୍ବାଚନ ଲାଗି ଜିଲା ପରିଷଦ ପ୍ରାର୍ଥୀଙ୍କ ଚୂଡାନ୍ତ ତାଲିକା ପ୍ରକାଶ ପାଇଛି। ମୋଟ ୮୮ ଜଣ ପ୍ରାର୍ଥୀ ରହିଛନ୍ତି। ଚଳିତ ନିର୍ବାଚନରେ ଉଚ୍ଚ ଶିକ୍ଷିତ ଓ ଅବସରପ୍ରାପ୍ତ ସେନା ଅଧିକାରୀ ମଇଦାନକୁ ଓହ୍ଲାଇଛନ୍ତି। ଜମନକିରା ବ୍ଲକ ଜୋନ-୧ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବାବେଳେ ଭାଜପାରୁ ଡାକ୍ତର (ଏଏମ୍‌ଓ) ସୀମାନ୍ତିକା ବରିହା ଓ ବିଜେଡିରୁ ଏମ୍ଏସ୍‌ସି ପାସ୍ କରିଥିବା ସୁଜାତା ଖୁଣ୍ଟିଆ ପ୍ରାର୍ଥୀ ହୋଇଛନ୍ତି। ଡାକ୍ତର ବରିହା କହିଛନ୍ତି, ୨୦୧୬ରେ ମେଡିକାଲ କୋର୍ସ ଶେଷ କରିଥିଲେ। କୋଭିଡ୍ ସମୟରେ ପ୍ରଥମେ କ୍ଷେତରାଜପୁର ଓ ଦ୍ୱିତୀୟ ପର୍ଯ୍ୟାୟରେ କୁଚିଣ୍ଡା ଉପଖଣ୍ଡ ଭୋଜପୁର ମେଡିକାଲରେ କାର୍ଯ୍ୟ କରିଥିଲେ। ରୋଗୀସେବା କରିବା ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ତାଙ୍କୁ ଆକୃଷ୍ଟ କରିଥିଲା। ଭାଜପାରେ ସାମିଲ ହେବାକୁ ଆଗ୍ରହ ବଢିଥିଲା। ଏହା ଜାଣିବା ପରେ ଜିଲାସ୍ତରୀୟ ନେତୃତ୍ୱ ଭରସା କରି ଜିଲାପରିଷଦ ପାଇଁ ପ୍ରାର୍ଥୀ କରିଛନ୍ତି। ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ରହିଥିଲି, ଏବେ ଜନପ୍ରତିନିଧି ହୋଇ ଲୋକଙ୍କ ସେବା କରିବାକୁ ରାଜନୀତିକୁ ଆସିଛି ବୋଲି କହିଥିଲେ। ବିଜେଡି ମଧ ଭାଜପାକୁ ମାତ୍ ଦେବା ପାଇଁ ଏମ୍ଏସ୍‌ସି ପଢିଥିବା ସୁଜାତାଙ୍କୁ ଟିକେଟ ଦେଇଛି। ରାଜନୀତିକୁ ଆସିବା ସମ୍ପର୍କରେ ସୁଜାତା କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ତାଙ୍କୁ ପ୍ରଭାବିତ କରିଥିଲା। ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ କାମ କରିବା ତାଙ୍କର ଲକ୍ଷ୍ୟ। ଅନ୍ୟପଟେ ବିଜେଡି ପକ୍ଷରୁ ଧନକଉଡା ବ୍ଲକ ଜୋନ ୨ରେ ଜଣେ ଅବସରପ୍ରାପ୍ତ ସେନା ଅଧିକାରୀ ଦେନାରାୟଣ ତିୱାରୀଙ୍କୁ ଟିକେଟ ଦିଆଯାଇଛି। ଉଚ୍ଚ ଶିକ୍ଷିତ ହୋଇ ଭାରତୀୟ ସେନାରୁ ଅବସର ନେବା ପରେ ସେ ରାଜନୀତିକୁ ଓହ୍ଲାଇଛନ୍ତି। ପୂର୍ବରୁ ବିଭିନ୍ନ ସ୍ଥାନରେ ରହି ଲୋକଙ୍କ ସେବା କରୁଥିଲେ, ଏବେ ପ୍ରତ୍ୟକ୍ଷ ଭାବେ ଜନସାଧାରଣଙ୍କ ସେବା କରିବେ ବୋଲି କହିଛନ୍ତି।

# ବିଜେଡିରେ ମିଶିଲେ ଅନ୍ୟ ଦଳର କର୍ମୀ

**ନାକଟିଦେଉଳ,୨୪।୧(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକର ଅନ୍ୟ ଦଳର ପ୍ରାୟ ୧୦ଜଣ କର୍ମୀ ସୋମବାର ରେଢାଖୋଲ ବିଧାୟକ ରୋହିତ ପୂଜାରୀଙ୍କ ଉପସ୍ଥିତିରେ ତାଙ୍କ ରେଢାଖୋଲସ୍ଥିତ ବାସଭବନରେ ବିଜେଡ଼ିରେ ସାମିଲ ହୋଇଛନ୍ତି। ସାହେବୀ ପଞ୍ଚାୟତର ଭରତ ମାଝି, ସୁଶାନ୍ତ ମାଝି, ପ୍ରଶାନ୍ତ ସାହୁ, ପୁରନ୍ଦର ମାଝି, ଛବିଳ ମାଝି, ସତ୍ୟ ନାରାୟଣ ସାହୁ, ପଦ୍ମଲୋଚନ ସାହୁ, ଜାମୁଯୋରୀ ପଞ୍ଚାୟତର ହରେକୃଷ୍ଣ ପ୍ରଧାନ ଓ ନାକଟିଦେଉଳ ପଞ୍ଚାୟତର ପବିତ୍ର ମୋହନ ସାହୁ ପ୍ରମୁଖ କଂଗ୍ରେସ ଓ ଭାଜପା ଛାଡି ବିଜେଡ଼ିରେ ଯୋଗଦେଇଛନ୍ତି। କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ବିଧାୟକ ପୂଜାରୀ ସ୍ୱାଗତ କରିଥିଲେ।



ଅନ୍ୟ ଦଳର କର୍ମୀଙ୍କୁ ସ୍ୱାଗତ କରୁଛନ୍ତି ବିଧାୟକ।

### ୨ ଲୁଟେରା ଗିରଫ, ଟଙ୍କା ଜବତ

**ରାଉରକେଲା ଅଫିସ,୨୪।୧**

ରାଉରକେଲା ବସ୍‌ଷ୍ଟାଣ୍ଡରେ ଜଣେ ଯାତ୍ରୀଙ୍କ ମନିପର୍ସ ଲୁଟ୍ କରି ଫେରାର ହେଉଥିବାବେଳେ ପ୍ଲାଣ୍ଟସାଇଟ ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ମହତାବ ରୋଡ ଅଞ୍ଚଳର ଏମ୍‌ଡି. ଅଫଜଲ(୨୫) ଓ ଏମ୍‌ଡି. ମେହତାବ(୨୪)। ଉଭୟଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ରବିବାର ସକାଳ ସାଢ଼େ ୧୦ଟାରେ ଶମ୍ଭୁନାଥ କଂସାରୀ ବସ୍ ଯୋଗେ ସମ୍ବଲପୁର ଯିବା ପାଇଁ ରାଉରକେଲା ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରି ଫୋନ୍‌ରେ କଥା ହେଉଥିଲେ। ଏହି ସମୟରେ ଏମ୍‌ଡି ଅଫଜଲ ତାଙ୍କ ପକେଟରୁ ମନିପର୍ସ ନେଇ ପଳାଇଥିଲେ। ଶମ୍ଭୁନାଥ ତାଙ୍କ ପିଛା କରୁଥିବାବେଳେ ବାଟରେ ମେହତାବ ଏକ ବାଇକ୍‌ରେ ଅଫଜଲଙ୍କୁ ବସାଇ ଦ୍ରୁତବେଗରେ ଫେରାର ହୋଇଯାଇଥିଲେ। ଏ ନେଇ ଶମ୍ଭୁନାଥ ପ୍ଲାଣ୍ଟସାଇଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୦।୨୨) ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଭାଜପାର ଜିଲାପାଳ,ଏସ୍‌ପିଙ୍କୁ ଦାବିପତ୍ର

**ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଧମକ ପ୍ରସଙ୍ଗ**

**ଝାରସୁଗୁଡ଼ା ଅଫିସ,୨୪।୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ଏବେ ପ୍ରାର୍ଥୀମାନେ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ କିଭଳି କରାୟତ କରିବେ ସେ ନେଇ ପ୍ରୟାସ ଆରମ୍ଭ କରିଛନ୍ତି। କେଉଁଠି ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଅର୍ଥ ପ୍ରଲୋଭନ ତ ଆଉ କେଉଁଠାରେ ଧମକଚମକ ଦେଇ ଭୟଭୀତ କରାଯାଉଛି। ଏଭଳି ଅଭିଯୋଗ ହୋଇଛି ଝାରସୁଗୁଡା ଜିଲା ଲଇକେରା ବ୍ଲକ୍ ୧ନଂ ଜିଲା ପରିଷଦ ଜୋନ୍‌ରେ। ଏହି ଜୋନ୍‌ର ଭାଜପା ଜିଲା ପରିଷଦ ପ୍ରାର୍ଥୀ ଶବ୍ୟାସିନୀ ପ୍ରଧାନଙ୍କୁ କେତେଜଣ ବ୍ୟକ୍ତି ଅର୍ଥ ପ୍ରଲୋଭନ ଦେଖାଇ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଚାପ ପକାଇଥିଲେ। ଏପରି କି ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ। ସେହିପରି ସ୍ଥାନୀୟ ଭାଜପା ମଣ୍ଡଳ ସମ୍ପାଦକ ପ୍ରଦୀପ ପ୍ରଧାନଙ୍କୁ ମଧ୍ୟ କେତେଜଣ ଯୁବକ ଧମକ ଚମକ ଦେଇଥିଲେ। ଏ ନେଇ ଉଭୟ ଲଇକେରା ଥାନାରେ ଅଭିଯୋଗ କରିବା ପରେ ପୋଲିସ୍ ପୃଥକ୍ ମାମଲା (ନଂ୧୭ ଓ ୧୮/୨୨) ରୁଜୁକରି ତଦନ୍ତ ଚଳାଇଛି। ଏହି ଅବସରରେ ଜିଲା ଭାଜପା ତରଫରୁ ସୋମବାର ଜିଲା ସଭାପତି ମଙ୍ଗଳ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ସରୋଜ କୁମାର ସାମଲ, ଏସ୍‌ପି ବିକାଶ ଚନ୍ଦ୍ର ଦାସ ଓ ଜିଲା ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନକରି ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହା ସହିତ ପ୍ରାର୍ଥୀଙ୍କ ସୁରକ୍ଷା ଦାବି କରିଛନ୍ତି। ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧରେ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ଜିଲା ଉପସଭାପତି ସଞ୍ଜୟ ସିଂହ, ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଳ, କୋଷାଧ୍ୟକ୍ଷ ମହେନ୍ଦ୍ର କେଡିଆ ପ୍ରମୁଖ ଉପସ୍ଥିତଥିଲେ। ଏନେଇ ଏସ୍‌ପି ଦାସ କହିଛନ୍ତି, ଏହାର ତଦନ୍ତଭାର ଲଇକେରା ଥାନା ଆଇଆଇସିଙ୍କୁ ଦିଆଯାଇଥିବାବେଳେ ଏସ୍‌ଡିପିଓ ଏହାର ତଦାରଖ କରୁଛନ୍ତି।



ଜିଲା ଭାଜପା ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର ଦିଆଯାଉଛି।

# ଭାଜପାର ମିଶ୍ରଣ ପର୍ବ

**ଲହୁଣୀପଡ଼ା,୨୪।୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡାସ୍ଥିତ ଭାଜପା କାର୍ଯ୍ୟାଳୟ ଠାରେ ମିଶ୍ରଣପର୍ବ ଆୟୋଜିତ ହୋଇଯାଇଛି। ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶ ଓ ପ୍ରଧାନମନ୍ତ୍ରୀଙ୍କ ସୁଶାସନରେ ଅନୁପ୍ରାଣିତ ହୋଇ ସୋମବାର ଏହି ମିଶ୍ରଣ ପର୍ବରେ ଅନ୍ୟ ଦଳରୁ ବହୁ କର୍ମୀ ଆସି ଯୋଗଦେଇଥିଲେ। ସମସ୍ତ ନବାଗତ କର୍ମୀଙ୍କୁ ସୁନ୍ଦରଗଡ ଏମ୍‌ପି ତଥା ସଂସଦୀୟ ପ୍ରତିରକ୍ଷା କମିଟିର ଅଧ୍ୟକ୍ଷ ଜୁଏଲ ଓରାମ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ ଜଣାଇଥିଲେ। ଏହି ମିଶ୍ରଣ ପର୍ବ ପରେ ଆଗାମୀ ଦିନରେ ଭାଜପା ବଣାଇଁରେ ଆହୁରୀ ଶକ୍ତିଶାଳୀ ହେବ ବୋଲି ଓରାମ ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ ବଣାଇ ଭାଜପାର ପ୍ରମୁଖ ନେତୃମଣ୍ଡଳୀ ଏମ୍‌ପିଙ୍କ ସହ ଉପସ୍ଥିତ ଥିଲେ। ପ୍ରମୁଖ ନେତୃମଣ୍ଡଳୀଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନ, ସେବତୀ ନାୟକ, ବରିଷ୍ଠ ନେତା ଜଗନ୍ନାଥ ମାହାନ୍ତ, ଜିଲା ସାଧାରଣ ସମ୍ପାଦକ ଲୁଥାର ଓରାମ, ହେମନ୍ତ କୁମାର ସାହୁ, ଅଭିରାମ ମହାକୁଳ, ଜିଲା ଉପ ସଭାପତି ବାସୁଦେବ ସାହୁ, ଦିବ୍ୟମଞ୍ଜରୀ ଶେଖର ଦେଓ, ଜିଲା ସମ୍ପାଦକ ସୁରେନ୍ଦ୍ର ନାଥ ସାହୁ, ବନ୍ଦିତା ମାହାନ୍ତ, ଶାନ୍ତନୁ ଦାସ, ଜିଲା କୋଷାଧ୍ୟକ୍ଷ ଚେତନଦୀପ୍ତ ନାୟକ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜୟନ୍ତୀ ମାହାନ୍ତ, ଓବିସି ମୋର୍ଚ୍ଚା ସଭାପତି ଆହ୍ଲାଦ ବଡେ, ଯୁବମୋର୍ଚ୍ଚା ସଭାପତି ନିହାର ରଞ୍ଜନ ସାହୁ, ସଂଖ୍ୟାଲଘୁ ସଭାପତି ଏମ. ଡ଼ି ମୋଇମ, ଲହୁଣୀପଡ଼ା ମଣ୍ଡଳ ସଭାନେତ୍ରୀ ନମିତା ମାହାନ୍ତ, କ. ବଲାଙ୍ଗ ମଣ୍ଡଳ ସଭାପତି ମାଦି ଓରାମ, କୋଇଡ଼ା ମଣ୍ଡଳ ସଭାପତି ମେଲୋରୀ ବାରିକ, ଲହୁଣୀପଡ଼ା ମଣ୍ଡଳ ସାଧାରଣ ସମ୍ପାଦକ ନାରାୟଣ କୁମ୍ଭାର, ଦେବଚରଣ କିଷାନ, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଭିକି ବ୍ରହ୍ମ ଉପସ୍ଥିତ ଥିଲେ।



ଭାଜପା ମିଶ୍ରଣପର୍ବରେ ଏମ୍‌ପି ଜୁଏଲ ଓରାମ ଓ ଅନ୍ୟମାନେ।

### ନିଆଁରେ ପୋଡ଼ି ଚିକିତ୍ସିତ ହେଉଥିବା ବୃଦ୍ଧା ମୃତ

**ଦେବଗଡ଼,୨୪।୧(ଡି.ଏନ.ଏ)**

୨୦ ତାରିଖ ସକାଳେ ନିଆଁରେ ପୋଡି ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଥିବା କେନ୍ଦୁଝରୀ ଗ୍ରାମର ମାୟା ବିଶ୍ୱାଳଙ୍କର ସୋମବାର ମୃତ୍ୟୁ ଘଟିଛି। କେନ୍ଦୁଝରୀ ଗ୍ରାମର ସ୍ୱର୍ଗତଃ ବେଣୁଧର ବିଶ୍ୱାଳଙ୍କ ସ୍ତ୍ରୀ ମାୟା (୬୮)ଗତ ୨୦ତାରିଖ ସକାଳେ ରୋଷେଇ ପାଇଁ ଚୁଲିରେ ନିଆଁ ଜାଳୁଥିବା ବେଳେ ଅସାବଧାନତା ଯୋଗୁ ତାଙ୍କର ଶାଢୀରେ ନିଆଁ ଲାଗିଯାଇଥିଲା । ମାୟା ଚିତ୍କାର କରିବାରୁ ପଡିଶା ଲୋକେ ତାଙ୍କୁ ଉଦ୍ଧାର କରି ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଦେବଗଡ ଆଦର୍ଶ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମାୟାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ

**ଝାରସୁଗୁଡ଼ା ଅଫିସ,୨୪।୧**

**୨୫ ବୁଥ୍ ଅତି ଉତ୍ତେଜନା ଓ ୧୫୨ ଉତ୍ତେଜନା ପ୍ରବଣ**

ଝାରସୁଗୁଡା ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଯେଭଳି ଅବାଧ ତଥା ଶାନ୍ତିପୂର୍ଣ୍ଣ ଭାବେ ହେବ ସେ ନେଇ ଜିଲା ପ୍ରଶାସନ ତରଫରୁ ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ବାଚନ ଆଚରଣବିଧି ଓ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରିବା ଉପରେ ଗୁରତ୍ୱାରୋପ କରାଯାଇଥିଲା। ଏହାକୁ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସ୍ପଷ୍ଟ କରିଥିଲେ।

ଜିଲାରେ ସମୁଦାୟ ୨୨୩୮ନାମାଙ୍କନ ଦାଖଲ ହୋଇଥିବାବେଳେ ୨୧୭୯ କାଏମ ରହିଛି। ମୋଟ ୯୩୬ବୁଥ୍ ମଧ୍ୟରୁ ୨୫ ଅତିଉତ୍ତେଜନା ଓ ୧୫୨ ଉତ୍ତେଜନା ପ୍ରବଣ ଚିହ୍ନଟ ହୋଇଛି। ଏହିସବୁ ବୁଥ୍‌ରେ ଶାନ୍ତିଶୃଙ୍ଖଳା ସହ ନିର୍ବାଚନ ପରିଚାଳନା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଛନ୍ତି। ଏଥିରେ ଜିଲାପାଳ ସାମଲ, ଜିଲା ନିର୍ବାଚନ ପର୍ଯ୍ୟବେକ୍ଷକ ଇନ୍ଦ୍ରମଣି ତ୍ରିପାଠୀ, ଏସ୍‌ପି ବିକାଶ ଚନ୍ଦ୍ର ଦାସ, ପିଡି ଡିଆର୍‌ଡିଏ ତପିରାମ ମାଝି, ଉପଜିଲାପାଳ ଶିବ ଟପ୍ପୋ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯୋଗେନ୍ଦ୍ର ମାଝି, ବିଜେଡିର ତ୍ରିନାଥ ଗୁଆଲ, କଂଗ୍ରେସର ମନିଷ ବାଜପେୟୀ ଓ ଭାଜପାର ସତ୍ୟ ନାରାୟଣ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଦଳୀୟ କର୍ମକର୍ତ୍ତା।

# ସେଲ୍ ସ୍ଥାପନା ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ରାଉରକେଲା ଅଫିସ,୨୪।୧**

ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମ ପରିସରରେ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସୋମବାର ସେଲ୍‌ର ସ୍ଥାପନା ଦିବସ ପାଳିତ ହୋଇଛି। ଏହି ଉତ୍ସବରେ ଆରଏସ୍‌ପି ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ. କୁଣ୍ଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସେଲ୍ ପତାକା ଉତ୍ତୋଳନ କରିଥିଲେ। କାରଖାନା କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର ସୂର୍ଯ୍ୟବଂଶୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ. ପ୍ରଧାନ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ ଶତପଥୀ, ସାମଗ୍ରୀ ପରିଚାଳନା ଓ ମାର୍କେଟିଂ ବିଭାଗର ଭାରପ୍ରାପ୍ତ ମୁଖ୍ୟ ପ୍ରବନ୍ଧକ ସି. ଆର ମହାପାତ୍ର, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ମୁଖ୍ୟ ମେଡିକାଲ ଅଫିସର ଡକ୍ଟର ବି. କେ. ହୋତା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ଓଡିଶୀ, ପାଲା, ଦାସକାଠିଆ ଓ ନୃତ୍ୟ ନାଟକ 'ଇସ୍ପାତ କଥା ସରିତା' ପରିବେଷିତ ହୋଇଥିଲା। ସମାଜ କଲ୍ୟାଣ ବିଭାଗର ଜିଏମ୍ ବି. କେ. ରାଉତ ସ୍ୱାଗତ ଭାଷଣ ପ୍ରଦାନ ଓ ସିଆରଏମ୍ ବିଭାଗର ସିନିୟର ଟେକ୍ନିସିଆନ ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ ୧୯୭୩ ଜାନୁଆରୀ ୨୪ରେ ସ୍ଥାପିତ ହୋଇଥିଲା।





ସେଲ୍ ସ୍ଥାପନା ଦିବସରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**କରୋନା ଯୋଦ୍ଧାଙ୍କୁ ମାସ୍କ, ସାନିଟାଇଜର ବଣ୍ଟନ**

**ସୋନପୁର,(ନି.ପ୍ର.):** କରୋନାର ତୃତୀୟ ଲହର ଓମିକ୍ରନକୁ ଦୃଷ୍ଟିରେ ରଖି କରୋନା ଯୋଦ୍ଧା, ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ ଓ ପରିଜନଙ୍କୁ ସୋମବାର ମାସ୍କ ଓ ସାନିଟାଇଜର ପ୍ରଦାନ କରାଯାଇଛି। ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ କେନ୍ଦ୍ର ସୋନପୁର ପକ୍ଷରୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ସଫେଇ କର୍ମଚାରୀ, ରୋଗୀ ଓ ପରିଜନଙ୍କୁ ଏନ ୯୫ ମାସ୍କ ଓ ସାନିଟାଇଜର ପ୍ରଦାନ କରା ଯାଇଥିଲା। ଜନଔଷଧୀ କେନ୍ଦ୍ର ପକ୍ଷରୁ ସୁବାଷ ଚନ୍ଦ୍ର ପଧାନ, ଅଂଶୁମାନ ପଣ୍ଡା, ସୌମ୍ୟରଞ୍ଜନ ବେହେରା, ସ୍ମିତିରଞ୍ଜନ ମହାକୁଡ, ସୋନୁ ପାତ୍ର ପ୍ରମୁଖ ମାସ୍କ ଓ ସାନିଟାଇଜର ପ୍ରଦାନ କରିଥିଲେ।

# ମିଲର୍ସ ମ୍ୟାନେଜ୍‌ମେଣ୍ଟରେ ଧାନକିଣା

**ବଲାଙ୍ଗୀର ଅଫିସ,୨୪।୧**

- ଜିଲାରେ ୫ ହଜାରରୁ ଊର୍ଦ୍ଧ୍ୱ ମଧ୍ୟସ୍ଥ ସକ୍ରିୟ
- ନୋଟିସ୍ ସତ୍ତ୍ୱେ ମିନର୍ଭା ରାଇସ୍ ମିଲ୍‌କୁ ଧାନ ଚାଲାଣ ଅଭିଯୋଗ
- ୨୩ ସୁଦ୍ଧା ସରିଲାଣି ୨୫ ଲକ୍ଷ କୁଇଣ୍ଟାଲ ଧାନକିଣା


ରାଇସ୍ ମିଲ୍ ସମ୍ମୁଖରେ ଚାଷୀଙ୍କ ଧାନ ଆସି ପହଞ୍ଚିଛି।

ବଲାଙ୍ଗୀର ଜିଲାରେ ଧାନକ୍ରୟକୁ ନେଇ ବିଭିନ୍ନ ସମୟରେ ସାଂଘାତିକ ଅଭିଯୋଗ ଉଠିଛି। ମଣ୍ଡି ଜରିଆରେ ଚାଷୀଙ୍କଠାରୁ ସମବାୟ ବିଭାଗ ଧାନ କିଣୁଥିଲେ ମଧ୍ୟ ଜିଲାର ଚାଷୀମାନେ ଶୋଷଣର ଶିକାର ହେଉଥିବା ନେଇ ଅଭିଯୋଗ ହୋଇଆସିଛି। କେତେକ ମିଲର୍ସ ଚାଷୀଙ୍କୁ ଶୋଷଣ କରୁଥିବା ଘଟଣା ଲୋକଲୋଚନକୁ ଆସିବା ପରେ ଏହି ପ୍ରସଙ୍ଗକୁ ନେଇ ଚାଷୀମାନେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ମାମଲାର ବିଚାର କରି ହାଇକୋର୍ଟ ବଲାଙ୍ଗୀରରେ ଚାଷୀଙ୍କଠାରୁ ମିଲର୍ସ ସିଧାସଳଖ ଧାନ କିଣିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏଭଳି କି ଏଫ୍‌ସିଆଇ ଚାଷୀଙ୍କ ଧାନ କିଣିବ ବୋଲି ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଜିଲାର ବିଭିନ୍ନ ସ୍ଥାନରେ କେତେକ ମିଲର୍ସ ସମବାୟ ଓ ଯୋଗାଣ ବିଭାଗ ଅଧିକାରୀ, କର୍ମଚାରୀଙ୍କୁ ହାତକରି ଚାଷୀଙ୍କ ଧାନକୁ ସିଧାସଳଖ କିଣୁଥିବା ଅଭିଯୋଗ ହେଉଛି।

ଚଳିତ ଧାନକିଣା ସମୟରେ ପୁଣିଥରେ ଜିଲାରେ ମିଲର୍ସମାନେ ଚାଷୀଙ୍କ ଧାନକୁ ସିଧାସଳଖ କିଣୁଥିବା ଅଭିଯୋଗ ଉଠିଛି। ପୁଇଁତଲା ବ୍ଲକ ବଇରାସର ପାକ୍ସକୁ ନ ଯାଇ ସିଧାସଳଖ ମିନର୍ଭା ରାଇସ୍ ମିଲ୍‌କୁ ଚାଷୀଙ୍କ ଧାନ ନିଆଯାଉଥିବା ନେଇ କିଛିଦିନ ତଳେ ଅଭିଯୋଗ ହୋଇଥିଲା। କେତେକ ଚାଷୀ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଭଳି ଅଭିଯୋଗ ପରେ ଯୋଗାଣ ବିଭାଗ ପକ୍ଷରୁ ପୁଇଁତଲା ଯୋଗାଣ ଇନ୍ସପେକ୍ଟର ଏବଂ ସମ୍ପୃକ୍ତ ରାଇସ୍ ମିଲ୍‌କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଏପର୍ଯ୍ୟନ୍ତ ଉକ୍ତ କାରଣ ଦର୍ଶାଅ ନୋଟିସର ଉତ୍ତର ଯୋଗାଣ ବିଭାଗ ଇନ୍ସପେକ୍ଟର ଦେଇ ନ ଥିବା ଜଣାପଡ଼ିଛି। ଏ ନେଇ ଅତିରିକ୍ତ ଜିଲାପାଳ ଓ ସମବାୟ ସମୂହ ନିବନ୍ଧକ ମଧ୍ୟ ପାକ୍ସକୁ ଯାଇ ସ୍ଥିତି ତଦାରଖ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ସମ୍ପୃକ୍ତ ରାଇସ୍ ମିଲ୍ ଓ ଯୋଗାଣ ଇନ୍ସପେକ୍ଟରଙ୍କଠାରୁ ଉତ୍ତର ମିଳି ନ ଥିବା ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ମୀର ରାଜା ଅଲ୍ଲୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଏବେ ରାତିଅଧିଆ ମିନର୍ଭା ରାଇସ୍ ମିଲ୍‌କୁ ଚାଷୀଙ୍କ ଧାନ ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଚାଷୀଙ୍କ ଧାନକୁ ଉଚିତ୍ ମୂଲ୍ୟରେ କିଣା ନ ଯାଇ କମ୍ ମୂଲ୍ୟରେ କିଣି ମିଲ୍‌କୁ ଗଲାପରେ ପାକ୍ସରେ ଏଣ୍ଟ୍ରି କରାଯାଇ ସରକାରଙ୍କଠାରୁ ନିର୍ଦ୍ଧାରିତ ମୂଲ୍ୟ ନିଆଯାଉଥିବା ଅଭିଯୋଗ ହେଉଛି। ମିନର୍ଭା ମିଲ୍ ଭଳି ଜିଲାର ଅନ୍ୟ ମିଲର୍ସମାନେ ମଧ୍ୟ ଏଭଳି ଚାଷୀଙ୍କଠାରୁ ଧାନକ୍ରୟ ନାଁରେ ସିଧାସଳଖ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ଜିଲାରେ ୫ ହଜାରରୁ ଊର୍ଦ୍ଧ୍ୱ ମଧ୍ୟସ୍ଥ ବେଆଇନ ଧାନ କିଣାବିକାରେ ସକ୍ରିୟ ଥିବା ଏକ ତଥ୍ୟରୁ ଜଣାପଡିଛି। ଏହି ମଧ୍ୟସ୍ଥମାନେ ଚାଷୀଙ୍କଠାରୁ କୁଇଣ୍ଟାଲ ପ୍ରତି ୧୨ ଶହରୁ ୧୪ ଶହ ଟଙ୍କାରେ କିଣି ସରକାରୀ ନିର୍ଦ୍ଧାରିତ ମୂଲ୍ୟ ୧୯୪୦ ଟଙ୍କାରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ସେମାନେ ପ୍ରଥମେ ଚାଷୀଙ୍କଠାରୁ ଧାନ କିଣି ପରେ ବିଭିନ୍ନ ଚାଷୀଙ୍କ ନାଁରେ ଟୋକନ୍ ଇସ୍ୟୁ କରାଇ ଏହାକୁ ବିକ୍ରି କରୁଥିବା ଜଣାପଡିଛି। ଏ ବାବଦରେ ବିଭିନ୍ନ ଗାଁର ଚାଷୀଙ୍କୁ କମିଶନ୍‌ରେ ଟଙ୍କା ଦିଆଯାଉଥିବା ଅଭିଯୋଗ ଉଠିଛି। ଏ ଦିଗରେ ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ପ୍ରଶାସନ ପକ୍ଷରୁ ଜଣେ ମଧ୍ୟସ୍ଥଙ୍କ ଘରେ ଚଢ଼ାଉ କରାଯିବା ପରେ ଏଭଳି ଘଟଣା ଲୋକଲୋଚନକୁ ଆସିଛି। ଏ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଅଲ୍ଲୀଙ୍କୁ ପଚରାଯିବାରୁ ଟୋକନ୍ ଥିବା ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରିବେ ବୋଲି କହିଛନ୍ତି। ମିନର୍ଭା ମିଲ୍‌କୁ ସିଧାସଳଖ ଧାନ ଯିବା ଘଟଣାର ତଦନ୍ତ ଚାଲିଛି। ରିପୋର୍ଟ ହସ୍ତଗତ ହେଲା ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଜିଲାରେ ୨୩ ତାରିଖ ସୁଦ୍ଧା ୨୫ହଜାର କୁଇଣ୍ଟାଲ ଧାନ କିଣାସରିଲାଣି। ଚାଷୀଙ୍କ ଅଭିଯୋଗକୁ ତର୍ଜମା କଲେ ଜିଲାରେ ମିଲର୍ସଙ୍କ ମର୍ଜିରେ ଧାନକିଣା ର୍‍ୟାକେଟ୍ ବ୍ୟବସ୍ଥିତ ଢଙ୍ଗରେ ଚାଲିଥିବା ଜଣାପଡୁଛି।

## ପ୍ରାର୍ଥୀପତ୍ର ପ୍ରତ୍ୟାହାର କଲେ ୭ ସମିତି ସଭ୍ୟ ପ୍ରାର୍ଥୀ

**ସଇଁତଲା, ୨୪।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଆମ୍ବପାଲି ପଞ୍ଚାୟତର ଦୁଇଜଣ ସମିତି ସଭ୍ୟ ପ୍ରାର୍ଥୀଙ୍କୁ ଅପହରଣ କରି ନିଆଯାଇଥିବା ନେଇ ଅଭିଯୋଗ କରିଥିଲା ବ୍ଲକ ଆଦିବାସୀ ସଂଘ। ସୋମବାର ପୂର୍ବାହ୍ନରେ ସେମାନଙ୍କ ମଧ୍ୟରୁ ଜଣେ ପ୍ରାର୍ଥୀ କୁଶମାଲ ଗ୍ରାମର ମୃଗ ଭୋଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଅନ୍ୟପକ୍ଷରେ ଏହି ଦିନ ଅନ୍ୟ ୬ ସମିତି ସଭ୍ୟ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦ୍ରମଣି ନାଗଙ୍କ ସୂତ୍ରରୁ ଜଣାପଡିଛି। ସେମାନେ ହେଲେ କେରମେଲିରୁ ରାଜେଶ ସାହୁ, ବିବିନାରୁ ମମତା ଭୋଇ, ଡେଙ୍ଗରୁ ଗୌରାଙ୍ଗ ସାଗର, ଜଗନ୍ନାଥ ରଣା, ଆମ୍ବପାଲିରୁ ମୃଗ ଭୋଇ, କୁଇକେଡ଼ାରୁ ସନ୍ତୋଷ ଭୋଇ ଓ କଅଁସରରୁ ମମତା ସାହୁ। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଆମ୍ବପାଲି ପଞ୍ଚାୟତର ସମିତି ସଭ୍ୟ ପଦ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ଅଛି। ଏହି ଆସନରେ ମୃଗ ଭୋଇ ଓ ବିଭୀଷଣ ମାଝି ନାମାଙ୍କନ କରିଥିଲେ। ରବିବାର ବ୍ଲକ ଆଦିବାସୀ ସଂଘ ସଭାପତି ସନ୍ତୋଷ ପୁଟା ଏକ ଖବରଦାତା ସମ୍ମିଳନୀ କରି ଉଭୟଙ୍କୁ ଶାସକ ଦଳର ସମର୍ଥକ ଅପହରଣ କରିନେଇଥିବା ଅଭିଯୋଗ ଆଣିଥିଲେ। ସୋମବାର ମୃଗ ଭୋଇଙ୍କ ସ୍ତ୍ରୀ ପିଙ୍କି ଆଦିବାସୀ ସଂଘ କର୍ମକର୍ତ୍ତାଙ୍କ ସହ ସଇଁତଲା ଥାନାରେ ପହଞ୍ଚି ତାଙ୍କ ସ୍ୱାମୀଙ୍କୁ ଅପହରଣ କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ବାଲ୍ୟବିବାହ ବନ୍ଦ କଲା ପ୍ରଶାସନ, ଚାଇଲ୍ଡଲାଇନ

**କଣ୍ଟାବାଞ୍ଜି, ୨୪।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କଣ୍ଟାବାଞ୍ଜି ଥାନା ଖଗସା ପଞ୍ଚାୟତ ପାଟିମାଲ ଗାଁର ଜଣେ ୧୪ ବର୍ଷୀୟା ନାବାଳିକାଙ୍କ ବାହାଘର ସୋମବାର ଆୟୋଜିତ ହୋଇଥିଲା। ଏହି ବିବାହକୁ ରୋକିବା ପାଇଁ ଗତ ଶନିବାର ଗ୍ରାମର ଜଣେ ବ୍ୟକ୍ତି ଚାଇଲ୍ଡଲାଇନକୁ ଜଣାଇଥିଲେ। ଏହି ସୂଚନା ଅନୁସାରେ ସୋମବାର ୟୁଥ୍ ସର୍ଭିସ ସେଣ୍ଟର ଚାଇଲ୍ଡଲାଇନ ବଲାଙ୍ଗୀର କର୍ମୀ ତ୍ରିଲୋଚନ ନାଗ, ସୀମନ୍ତ ଥାନାପତି, ନୀଳାମ୍ବର ମହାନ୍ତି, ତୁରେକେଲା ସିଡିପିଓ ସରିତା ପଟ୍ଟନାଏକ ପାଟିମାଲରେ ପହଞ୍ଚି ମାତାପିତାଙ୍କ ସହ ଆଲୋଚନା କରିଥିଲେ। ନାବାଳିକା ବିବାହର ଅପକାରିତା ଓ ଆଇନଗତ ପ୍ରତିବନ୍ଧକ ସମ୍ପର୍କରେ ଜଣାଇବା ପରେ ପରିବାର ଲୋକେ ଉକ୍ତ ବିବାହ ବନ୍ଦ କରିବାକୁ ରାଜି ହୋଇଥିବା ଚାଇଲ୍ଡ ଲାଇନ ତରଫରୁ ସୂଚନା ଦିଆଯାଇଛି।

### ବିନା ଦର୍ଶକରେ ସାଧାରଣତନ୍ତ୍ର ଦିବସ ପାଳନ ନିର୍ଦ୍ଦେଶ

**ବୌଦ୍ଧ, ୨୪।୧ (ସ୍ୱ.ପ୍ର):** ବୌଦ୍ଧରେ ୭୩ତମ ସାଧାରଣତନ୍ତ୍ର ଦିବସ ବିନା ଦର୍ଶକରେ ପାଳନ କରାଯିବାକୁ ଜିଲା ପ୍ରଶାସନ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଜିଲାସ୍ତରୀୟ ଏହି ଜାତୀୟ ଉତ୍ସବ ପାଳନ ନିମନ୍ତେ ବୌଦ୍ଧରେ ଅଭ୍ୟାସ ପରେଡ଼ ଅନୁଷ୍ଠିତ ହୋଇଛି। କରୋନା କଟକଣା ପାଇଁ ଚଳିତବର୍ଷ ମଧ୍ୟ ସାଧାରଣତନ୍ତ୍ର ଦିବସ ପରେଡରେ କୌଣସି ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହେବାକୁ ଅନୁମତି ମିଳି ନାହିଁ। କେବଳ ୫ମ ରିଜର୍ଭ ବାଟାଲିୟନ ଓ ଜିଲା ପୋଲିସର ଯବାନମାନେ ପଡିଆରେ ଉପସ୍ଥିତ ରହିବେ। ସକାଳ ୮ଟା୩୦ରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ଉତ୍ସବ ପାଳନ ସମୟରେ ସମସ୍ତଙ୍କୁ ମାସ୍କ ଲଗାଇବାକୁ ବାଧ୍ୟତାମୂଳକ କରାଯିବା ସହିତ ସାମାଜିକ ଦୂରତା ନିୟମ ପାଳନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ୭୮ ୱାର୍ଡରେ ହୋଇନି ନାମାଙ୍କନ

**ସୋନପୁର,୨୪।୧(ନି.ପ୍ର.):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଚଳିତ ମାସ ୧୭ରୁ ୨୧ତାରିଖ ପର୍ଯ୍ୟନ୍ତ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ଚାଲିଥିଲା। ପରେ ନାମାଙ୍କନଗୁଡିକ ଯାଞ୍ଚ କରାଯାଇ ସୁବର୍ଣ୍ଣପୁର ଜିଲାର ୬ଟି ବ୍ଲକର ୧୩ଟି ଜିଲା ପରିଷଦ, ୧୦୯ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ୧୪୬୨ଟି ୱାର୍ଡ ସଭ୍ୟ ପାଇ ତାଲିକା ପ୍ରକାଶ କରାଯାଇଛି। ଜିଲାରେ ମୋଟ ୩୪୦୪ ପ୍ରାର୍ଥୀପତ୍ର କାଏମ ରହିଛି। ୨୫ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ସମୟ ରହିଛି। ତେବେ ସୁବର୍ଣ୍ଣପୁର ଜିଲାର ମୋଟ ୧୪୬୨ଟି ୱାର୍ଡସଭ୍ୟ ପାଇଁ ୨୪୧୪ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ୬୪ ଜଣଙ୍କ ନାମାଙ୍କନ ବିଭିନ୍ନ କାରଣରୁ ନାକଚ ହୋଇଛି। ସେଥିରୁ ୨୩୩୬ଟି କାଏମ ରହିଛି। ତେବେ ଜିଲାର ୧୦୯ଟି ପଞ୍ଚାୟତର ୭୮ଟି ୱାର୍ଡରେ ଆଦୌ କେହି ପ୍ରାର୍ଥିପତ୍ର ଦାଖଲ କରିନାହାନ୍ତି। ସୋନପୁର ବ୍ଲକର ୯ ୱାର୍ଡ, ବୀରମହାରାଜପୁରର ୭, ବିନିକାର ୧୩ ୱାର୍ଡ, ଡୁଙ୍ଗୁରିପାଲିର ୨୬, ତରଭାର ୧୦ ଓ ଉଲୁଣ୍ଡା ବ୍ଲକର ୧୩ ୱାର୍ଡରେ କେହି ନାମାଙ୍କନ ଦାଖଲ କରିନାହାନ୍ତି। ତୃଣମୂଳସ୍ତରରେ ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ମତଦାତାଙ୍କ ଅନାଗ୍ରହ ଓ ତ୍ରୁଟିପୂର୍ଣ୍ଣ ସଂରକ୍ଷଣ ପାଇଁ ପ୍ରାର୍ଥୀ ନ ମିଳିବା କାରଣରୁ ଜିଲାର ୭୮ଟି ୱାର୍ଡରେ କେହି ନାମାଙ୍କନ ଦାଖଲ କରି ନ ଥିବା ଜଣାପଡିଛି।

### ଗଞ୍ଜେଇ ସହ ବୋଲେରୋ, ବାଇକ୍ ଜବତ: ୪ ଗିରଫ

**ବାଉଁଶୁଣୀ, ୨୪।୧(ଡି.ଏନ.ଏ.)**-ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଦୁମଦୁମା ନିକଟରୁ ରବିବାର ରାତିରେ ବାଉଁଶୁଣୀ ପୋଲିସ ଗଞ୍ଜେଇ ଚାଲାଣ ହେଉଥିବାବେଳେ ବୋଲେରୋ ଓ ଏକ ବାଇକ୍ ସହ ଗଞ୍ଜେଇ ଜବତ କରିଛି। ଏହା ସହ ୪ଜଣଙ୍କୁ ଗିରଫ କରିଛି। ଆମ୍ବଝରୀ ପଞ୍ଚାୟତ ଅଞ୍ଚଳରୁ ଗଞ୍ଜେଇ ଚାଲାଣ ହେଉଥିବା ସମ୍ପର୍କରେ ଖବର ମିଳିଥିଲା। ବାଉଁଶୁଣୀ ଥାନା ସବ୍‌ଇନ୍ସପେକ୍ଟର ନଳିନୀକାନ୍ତ ଦାସଙ୍କ ନେତୃତ୍ୱରେ ଦୁମଦୁମା ନିକଟରେ ପୋଲିସ ଜଗି ରହିଥିଲା। ଗଞ୍ଜେଇ ଭର୍ତ୍ତି ବୋଲେରୋକୁ କାବୁ କରିବା ସହ ତାକୁ ପାଇଲଟିଂ କରୁଥିବା ଏକ ବାଇକ୍‌କୁ ପୋଲିସ ଜବତ କରିଛି। ଉକ୍ତ ମାମଲାରେ ଝାଙ୍କରପଡା ଗ୍ରାମର ପ୍ରଦୀପ ସିଂ ଓ ବଏଲବେଡା ଗ୍ରାମର ସୌଭାଗ୍ୟ ରଞ୍ଜନ ଗହିର, ପ୍ରଶାନ୍ତ ବାଘ, ଗଣେଶ ଭୋଇଙ୍କୁ ଗିରଫ କରିଛି।

# ହତ୍ୟାକାରୀଙ୍କୁ ଗିରଫ ଦାବି

**ଏସ୍‌ପିଙ୍କ ଦ୍ୱାରସ୍ଥ ପରିବାର ଲୋକ**

**ଗୋବର୍ଦ୍ଧନ ଖଟୁଆ ହତ୍ୟାକାଣ୍ଡ**

**ବୌଦ୍ଧ,୨୪।୧(ସ୍ୱ.ପ୍ର.)**

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅନ୍ତର୍ଗତ ବଲାକିରା ଗ୍ରାମର ଗୋବର୍ଦ୍ଧନ ଖଟୁଆ ହତ୍ୟାକାଣ୍ଡ ମାମଲାରେ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ତାଙ୍କର ପରିବାର ଲୋକେ ସୋମବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ଡିସେମ୍ବର ୨୪ରେ ଗୋବର୍ଦ୍ଧନଙ୍କୁ ବକେୟା ଟଙ୍କାକୁ କେନ୍ଦ୍ର କରି ତାଙ୍କର କକା ଶ୍ୱଶୁର ବ୍ରହ୍ମାନନ୍ଦ ପ୍ରଧାନ ଓ ତାଙ୍କର ଦୁଇପୁଅ ବିଷ୍ଣୁ ପ୍ରଧାନ ଓ ପବିତ୍ର ପ୍ରଧାନ କାଠଫାଳିଆରେ ଆକ୍ରମଣ କରିଥିଲେ। ଗୋବର୍ଦ୍ଧନଙ୍କ ମୁଣ୍ଡରେ ସିଧା ଆକ୍ରମଣ ହେବା ପରେ ସେ ଘଟଣାସ୍ଥଳରେ ହିଁ ଟଳି ପଡ଼ିଥିଲେ। ଆକ୍ରମଣକାରୀ ବାପ ପୁଅ ଏହାର ସୁଯୋଗ ନେଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ବାଉଁଶୁଣୀ ପୋଲିସ ପକ୍ଷରୁ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ଏହି ଘଟଣାରେ ଅଭିଯୁକ୍ତ ବିଷ୍ଣୁ ପ୍ରଧାନ ଥାନାରେ ଆତ୍ମସମର୍ପଣ କରିଥିବାବେଳେ ଅନ୍ୟ ଦୁଇଜଣ ଅଭିଯୁକ୍ତ ଏବେ ବି ଫେରାର୍ ଅଛନ୍ତି। ବାଉଁଶୁଣୀ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ଅବହେଳା କରୁଥିବା ନେଇ ସୋମବାର ଗୋବର୍ଦ୍ଧନଙ୍କ ସ୍ତ୍ରୀ ଶୋଭବାତୀ ଓ ନାବାଳିକା ଝିଅ ଏସ୍‌ପିଙ୍କ ପାଖରେ ଅଭିଯୋଗ କରିବା ସହ ଫେରାର୍ ଅଭିଯୁକ୍ତ ବ୍ରହ୍ମାନନ୍ଦ ଓ ତାଙ୍କ ପୁଅ ପବିତ୍ରଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି।


ଏସ୍‌ପି କାର୍ଯ୍ୟାଳୟ ଆଗରେ ଗୋବର୍ଦ୍ଧନଙ୍କ ସ୍ତ୍ରୀ ଓ ନାବାଳିକାଝିଅ।

# ନିର୍ବାଚନ ପାଇଁ ମଇଦାନକୁ ଓହ୍ଲାଇଲା କଂଗ୍ରେସ

**ମଙ୍ଗ ଧରିଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଦାସ**


ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନିର୍ବାଚନ ପ୍ରଚାର ଲାଗି ମଇଦାନକୁ ଓହ୍ଲାଇଛି ।

**ଜୁନାଗଡ,୨୪।୧(ଡି.ଏନ.ଏ.)**

ପଞ୍ଚାୟତ ନିର୍ବାଚନ ଦୃଷ୍ଟିରେ ରଖି ବିଭିନ୍ନ ଦଳ ପକ୍ଷରୁ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ରଣନିତୀ ପ୍ରସ୍ତୁତ କରି ମଇଦାନକୁ ଓହ୍ଲାଇବା ପାଇଁ ସଜବାଜ ହେଉଛନ୍ତି। ତେବେ ଏହାର ଭିତରେ କଂଗ୍ରେସ ଗୋଟିଏ ପାଦ ଆଗକୁ ଯାଇ ଶନିବାରଠାରୁ ପଞ୍ଚାୟତ ନିର୍ବାଚନ ପାଇଁ ମଇଦାନକୁ ଓହ୍ଲାଇଥିବା ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲାରେ କଂଗ୍ରେସକୁ ବିଜୟୀ ଧାରାରେ ପହଞ୍ଚାଇବା ପାଇଁ ମଙ୍ଗ ଧରିଛନ୍ତି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଭକ୍ତ ଚରଣ ଦାସ। ସୋମବାର ସେ ଜୁନାଗଡ ବ୍ଲକର ଛୋରିଆଗଡକୁ ଯାଇ ସ୍ଥାନୀୟ ଲୋକଙ୍କୁ ଭେଟିବା ସହ ସେମାନଙ୍କ ସମସ୍ୟାଗୁଡିକ ଶୁଣିଥିଲେ। ଏହାସହ ଅଞ୍ଚଳର ବିକାଶ ପାଇଁ କଂଗ୍ରେସକୁ ବିଜୟୀ କରିବା ପାଇଁ ନିବେଦନ କରିଥିଲେ। ପରେ ସେ ଜୁନାଗଡକୁଯାଇ ବ୍ଲକର ୪ ଜୋନ୍‌କଂଗ୍ରେସ ଜିଲା ପରିଷଦ ପ୍ରାର୍ଥୀନୀ/ପ୍ରାର୍ଥୀଙ୍କୁ ଉତ୍ସାହିତ କରିବା ସହ ବିଜୟୀ ହେବା ପାଇଁ ଶୁଭକାମନା ଜଣାଇଥିଲେ। ଏହି ସମୟରେ ଜିଲା ସଭାପତି ଭାରତ ଭୂଷଣ ବେମାଲ, ବରିଷ୍ଠ ନେତା ରବି ପଟ୍ଟଯୋଷୀ, ଜିଲା ଉପସଭାପତି ପରମାନନ୍ଦ ମାଝି, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ ,ସମ୍ପାଦକ ମହମ୍ମଦ ସାହେବ, ଜିଲା ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ନିଆଲ, ଜୁନାଗଡ ନଗର ସଭାପତି କୈଳାସ ଅଗ୍ରୱାଲ, ଯୁବ ନେତା ପ୍ରଭାତ ଦାଶ, ସାଗର ପଟ୍ଟନାୟକ, ପରମେଶ୍ୱର ମୋଟେଲ ସୁରେଶ ପଣ୍ଡା, ପ୍ରେମଲାଲ ସାଗର ପ୍ରମୁଖ ଉପସ୍ଥିତ ଥିଲେ।

## ହିତାଧିକାରୀଙ୍କୁ ମିଳିନି ଆବାସ ଯୋଜନା କିସ୍ତିଟଙ୍କା

**ବିନିକା,୨୪।୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଲୁଲୁଣ୍ଡା ପଞ୍ଚାୟତ ନକଟାମୁଣ୍ଡା ଗ୍ରାମର ରୋହିତ ପୁଟେଲ। ୨୦୧୭-୧୮ ଆର୍ଥିକ ବର୍ଷରେ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ମିଳିଥିଲା। କାର୍ଯ୍ୟାଦେଶ ପାଇବା ପରେ ସେ ପୁରୁଣା ଘର ଭାଙ୍ଗି ସେହିଠାରେ ନୂଆଘର ପାଇଁ କାମ ଆରମ୍ଭ କଲେ। ମାତ୍ର ଘର ନିର୍ମାଣ ବାବଦ୍ ଅର୍ଥରାଶି ତାଙ୍କ ବ୍ୟାଙ୍କଖାତାରେ ଜମା ହେଲାନାହିଁ । ଇତିମଧ୍ୟରେ ୫ବର୍ଷ ବିତିଗଲାଣି । ପଞ୍ଚାୟତରୁ ବ୍ଲକ ଅଫିସ, ଏପରି କି ଜିଲାପାଳ ଅଫିସ ଦୌଡ଼ି ନୟାନ୍ତ ହେଲେ ସିନା କୌଣସି ସୁଫଳ ମିଳିନାହିଁ। ୨୦୨୧ ଡିସେମ୍ବର ୧୪ ତାରିଖରେ ବ୍ଲକ ସମ୍ମୁଖରେ ସ୍ତ୍ରୀ ଜୟନ୍ତୀଙ୍କ ସହ ଆମରଣ ଅନଶନରେ ବସିଥିଲେ ରୋହିତ। ବିନିକା ବିଡିଓ ବ୍ୟାସଦେବ ବେହେରା, ଏପିଡି ଆଲୋକ ମିଶ୍ର ହିତାଧିକାରୀଙ୍କ ସମସ୍ୟାର ସମାଧାନ ଏକମାସ ମଧ୍ୟରେ କରିବାର ପ୍ରତିଶ୍ରୁତି ଦେଇଥିଲେ। ଏପରି କି କାର୍ଯ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଧିକାରୀଦ୍ୱୟ କହିବା ପରେ ରୋହିତ ଅନଶନରୁ ଓହରିଥିଲେ। ମାତ୍ର ପ୍ରତିଶ୍ରୁତିକୁ ମାସେ ବିତିଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ।

## ଭାଜପା ପ୍ରାର୍ଥୀଙ୍କ ନାମାଙ୍କନ ନାକଚ ପରେ ବଦଳିଲା ସମୀକରଣ

**ଦେଓଗାଁ, ୨୪।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ୧୨ ଓ ୧୩ ଦୁଇଟି ଜିଲା ପରିଷଦ ଜୋନ ରହିଛି । ୧୨ ନଂ ଜୋନରେ ବିଜେଡି ପକ୍ଷରୁ ମମତା କୁମୁରା, କଂଗ୍ରେସରୁ କବିତା ଭୋଇ, ଭାଜପାରୁ ତୁଲେନ୍ଦ୍ରି କୁଅଁର ପ୍ରାର୍ଥୀ ରହିଛନ୍ତି। ୧୩ ନଂ ଜୋନରେ ଭାଜପା ପ୍ରାର୍ଥିନୀ ଜୟ କୁମାରୀ ସେଠଙ୍କ ନାମାଙ୍କନ ପତ୍ର ନାକଚ ପରେ ଏବେ ମଇଦାନରେ ବିଜେଡିରୁ ସୁମତି ସେଠ, କଂଗ୍ରେସରୁ ମୁକ୍ତାଦେଇ ତାଣ୍ଡି ଓ ଆମ ଆଦମୀ ପାର୍ଟିରୁ ନୀରାବତି ନନ୍ଦ ରହିଛନ୍ତି । ଫଳରେ ୧୨ ନଂ ଜୋନରେ ତ୍ରିମୁଖୀ ଓ ୧୩ନଂ ଜୋନରେ କଂଗ୍ରେସ ଓ ବିଜେଡି ମଧ୍ୟରେ କଡା ଟକ୍କର ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଗୋଟିଏ ଜୋନରେ ପ୍ରାର୍ଥୀ ନ ରହିବା କାରଣରୁ ଏବେ କୌଣସିମତେ ୧୨ ନଂ ଜୋନରେ ଦଳୀୟ ପ୍ରାର୍ଥୀ ପ୍ରାର୍ଥିନୀ ତୁଲେନ୍ଦ୍ରି କୁଅଁରଙ୍କୁ ବିଜୟୀ କରିବାକୁ ଭାଜପା ସମସ୍ତ ଶକ୍ତି ଖଟାଇବାକୁ ଯୋଜନା କରିଛି। ଏଥିପାଇଁ ବ୍ଲକ ଭାଜପା ପକ୍ଷରୁ ଘନଘନ ବୈଠକ ଚାଲିଛି। ଅପରପକ୍ଷରେ ଚୂଡାନ୍ତ ତାଲିକା ପ୍ରକାଶ ପରେ ଶାସକ ବିଜେଡି ସହ କଂଗ୍ରେସ ମଧ୍ୟ ଉଭୟ ଜୋନରେ କିଭଳି ରଣନୀତି ପ୍ରସ୍ତୁତ କରି ବିଜୟୀ ହେବ ସେଥିପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି।

## ଲିଙ୍ଗରାଜ ଜିଲା କଂଗ୍ରେସ ପଛୁଆବର୍ଗ ସଭାପତି

**କୋକସରା,୨୪।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଂଗ୍ରେସ କମିଟି ପଛୁଆବର୍ଗ ଜିଲା ସଭାପତି ଭାବେ ଲିଙ୍ଗରାଜ ବେହେରା ମନୋନୀତ ହୋଇଛନ୍ତି। ପୂର୍ବରୁ ସେ ଜିଲା ଯୁବ କଂଗ୍ରେସ ଉପସଭାପତି ଭାବେ ଦାୟିତ୍ୱ ତୁଲାଇଛନ୍ତି। ଜଣେ ଉତ୍ତମ ସଙ୍ଗଠକ ଭାବେ ସୁପରିଚିତ ବେହେରାଙ୍କ ଉପରେ ଆସ୍ଥା ପ୍ରକଟ କରି ଦଳ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଥିବା କଂଗ୍ରେସ ପଛୁଆବର୍ଗ ବିଭାଗ ରାଜ୍ୟ ଅଧକ୍ଷ ଇଂ. ଜ୍ଞାନଦେବ ବେଉରା ସୂଚନା ଦେଇଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ସେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରଦେଶ କଂଗ୍ରେସ କମିଟି ପଛୁଆବର୍ଗ ସଭାପତି ଇଂ. ବେଉରା, ଜିଲା କଂଗ୍ରେସ କମିଟି ସଭାପତି ଭାରତ ଭୂଷଣ ବେମାଲ, ଯୁବ ନେତା ସାଗର ଚରଣ ଦାସ ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ମୋ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଦଳ ଯେଉଁ ଦାୟିତ୍ୱ ପ୍ରଦାନ କରିଛି, ତାକୁ ମୁଁ ନିଶ୍ଚିତ ଭାବେ କାର୍ଯ୍ୟକାରୀ କରିବି ଏବଂ ଜିଲା ପଛୁଆବର୍ଗଙ୍କ ହିତ ପାଇଁ କାମ କରିବି ବୋଲି କହିଛନ୍ତି।

## ମନ୍ଦିରରୁ ନଡ଼ିଆ, ପ୍ରସାଦ ଖାଇଲା ଭାଲୁ

**କୋକସରା,୨୪।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣିଠାରେ ଥିବା ବୁଢ଼ାରଜା ମନ୍ଦିର ପରିସରରେ ଏକ ଭାଲୁ ଥିବା ଦେଖିବାକୁ ମିଳିଛି। ରବିବାର ରାତିରେ ନିକଟସ୍ଥ ସାହାଜଖୋଲ ଜଙ୍ଗଲରୁ ଭାଲୁ ଖାଦ୍ୟ ଅନ୍ୱେଷଣରେ ଆସି ମନ୍ଦିରରେ ଭୋଗ ଲାଗିଥିବା ନଡ଼ିଆ ଓ ପ୍ରସାଦ ଖାଇ ମନ୍ଦିରରେ ବୁଲାବୁଲି କରି ପୁଣି ଜଙ୍ଗଲ ମୁହାଁ ହୋଇଛି। ପୂର୍ବରୁ ମଧ୍ୟ ଅନେକ ଥର ଭାଲୁ ମନ୍ଦିରକୁ ଆସୁଥିବା ସ୍ଥାନୀୟ ଲୋକଙ୍କଠାରୁ ଜଣାପଡିଛି। ତେବେ ଭାଲୁ କାହାର କୌଣସି କ୍ଷୟକ୍ଷତି କରିନାହିଁ। ତଥାପି ଜଙ୍ଗଲ ହିଂସ୍ର ଜନ୍ତୁ ହୋଇଥିବାରୁ ଲୋକଙ୍କ ମଧ୍ୟରେ ଭୟ ରହିଛି। ଏ ନେଇ ଆମପାଣି ଫରେଷ୍ଟର ଜଗନ୍ନାଥ ନାଗଙ୍କୁ ପଚାରିବାରୁ ଭାଲୁର ଗତିବିଧି ଉପରେ ନଜର ରଖାଯାଇଛି । ସେଠାକୁ ନ ଯିବା ଲାଗି ଲୋକଙ୍କୁ ସଚେତନ କରାଯାଇଛି, ଖାଦ୍ୟ ପାଇଁ ଭାଲୁ ମନ୍ଦିରକୁ ଆସୁଛି, ଆଜି ପର୍ଯ୍ୟନ୍ତ କାହାର କିଛି କ୍ଷତି କରିନାହିଁ ବୋଲି ସେ କହିଛନ୍ତି ।


ବୁଢ଼ାରଜା ମନ୍ଦିରରେ ଭାଲୁ ନଡ଼ିଆ ଖାଉଛି।

# ସଚେତନ ହେଲେ ବାଲ୍ୟବିବାହ ବନ୍ଦ ହେବ

**ସୋନପୁର,୨୪।୧(ନି.ପ୍ର.)**

କୃଷି ବିଜ୍ଞାନ କେନ୍ଦ୍ର ସୁବର୍ଣ୍ଣପୁରଠାରେ ଜାତୀୟ ବାଳିକା ଦିବସ ସୋମବାର ପାଳିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ଗୌରିମଣି ହାଁସ୍‌ଦା ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାଜରେ ବାଳିକାମାନଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଡାକଘରମାନଙ୍କରେ ସୁକନ୍ୟା ଭଳି ଅଭିନବ ଯୋଜନା ସମ୍ପର୍କରେ ହାଁସଦା ବୁଝାଇଥିଲେ। ବାଳିକାମାନେ ସଚେତନ ହେଲେ ସମାଜରେ ବାଲ୍ୟ ବିବାହ ଭଳି ପ୍ରଥା ବନ୍ଦ ହୋଇପାରିବ ବୋଲି କହିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ଜୀବନଜିତ୍ ସେନ ସଭାରେ ଅଧକ୍ଷତା କରିଥିଲେ। ଦିବସ ପାଳନର ଆଭିମୁଖ୍ୟ ଉପରେ ଡ. ସେନ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାକେଶ ପ୍ରଧାନ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସୁପରଭାଇଜର, ଅଙ୍ଗନୱାଡି କର୍ମୀବୃନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୪୦ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରର ବୈଜ୍ଞାନିକ ତ୍ରିନାଥ ଖଣ୍ଡାୟତରାୟ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଆଧୁନିକ ସମାଜରେ ବାଳିକାମାନେ ବାଳକଙ୍କ ସହିତ ସମାନ ଭାବରେ ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବାଳିକାମାନଙ୍କ ମଧ୍ୟରେ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରର ବୈଜ୍ଞାନିକ ଗୀତାଞ୍ଜଳି ପ୍ରଧାନ ଓ ଶୁଭଶ୍ରୀ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କେନ୍ଦ୍ରର ଗୃହ ବିଜ୍ଞାନ ବିଭାଗର କାର୍ଯ୍ୟକ୍ରମ ସହାୟିକା ଲୋପାମୁଦ୍ରା ରାୟ ଧନ୍ୟବାଦ ପ୍ରଦାନ କରିଥିଲେ।


ଜାତୀୟ ବାଳିକା ଦିବସ ଅବସରରେ ଜଣେ ବାଳିକାଙ୍କୁ ପୁରସ୍କୃତ କରାଯାଉଛି।

**ଦେଓଗାଁ,(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାର ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନରେ ସୋମବାର ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ଅତିଥିଭାବେ ଭୁବନେଶ୍ୱର ସାମଲ, ସମୀର ସାଗର, ସାନନ୍ଦ ଷଡଙ୍ଗୀ, ଗତିକୃଷ୍ଣ ସାହୁ ଯୋଗଦେଇଥିଲେ। ଶିଶୁକନ୍ୟାମାନଙ୍କ ପ୍ରତି ସମାଜର କର୍ତ୍ତବ୍ୟ କଣ ହେବା କଥା ସେ ବିଷୟରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ରାମାକାନ୍ତ ସାହୁ, ଠାକୁର ଭୋଇ, ଚତୁର୍ଭୁଜ ଭୋଇ, ବୈଶାଖୁ ପଧାନ, ନିବେଦିତା ସାମଲ, ବନଲତା ସାମଲ, ଶୈଳ ସାମଲ ଓ ସାନନ୍ଦ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

**କଣ୍ଟାବାଞ୍ଜି, (ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହିଆଁଲ ପଞ୍ଚାୟତ ଅନ୍ତର୍ଗତ ଦାବ୍ରୀ ଗ୍ରାମରେ ଜାତୀୟ ବାଳିକା ଶିଶୁ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ବାଳିକା ଶିଶୁମାନଙ୍କ ବିଭିନ୍ନ ଅଧିକାର ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ୟୁଥ୍ ସର୍ଭିସ ସେଣ୍ଟର ଚାଇଲ୍ଡଲାଇନ ବଲାଙ୍ଗୀର ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚାଇଲ୍ଡଲାଇନ କର୍ମୀ ତପିବର ଭୋଇ, ତ୍ରିଲୋଚନ ନାଗ, ଅଙ୍ଗନୱାଡି କେନ୍ଦ୍ର(କ) କର୍ମୀ ସରୋଜିନୀ ମିଶ୍ର, (ଖ) କର୍ମୀ ବିଶେଶ୍ୱର ଜଗତ, ଆଶାମା ସୋମି ଜାଲ ଏବଂ ଗ୍ରାମର ମହିଳା ଏବଂ ବାଳିକା ଉପସ୍ଥିତ ଥିଲେ । ଏଥିପୂର୍ବରୁ ଦାବ୍ରୀସ୍ଥିତ ଅଙ୍ଗନୱାଡି କେନ୍ଦ୍ର(କ)ରୁ ଏକ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା।